# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15th May - 2025

*************************************

## ମୁଖ୍ୟ ସମ୍ବାଦ

- ପାକିସ୍ତାନ ପକ୍ଷରୁ ସୀମାପାର ଆତଙ୍କବାଦ ବନ୍ଦ ନ ହେବା ପର୍ଯ୍ୟନ୍ତ ସିନ୍ଧୁନଦୀ ଜଳଚୁକ୍ତି ସ୍ଥଗିତ ବଳବତ୍ତର ରହିବ; ସୂଚନା ଦେଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ସରକାର ଓ ଲୋକଙ୍କ ମଧ୍ୟରେ ଥିବା ସେତୁକୁ ସୁଦୃଢ଼ ଓ ପ୍ରଶସ୍ତ କରିବାପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

- ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କର ବଦଳି ପାଇଁ ଆରମ୍ଭ ହେଲା ଆବେଦନ ପ୍ରକ୍ରିୟା ।

ଏବଂ

- ଆଜି ଉଦ୍‌ଯାପିତ ହେଉଛି ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ପ୍ରତିଯୋଗିତା ।

*Desk*

# ସିନ୍ଧୁ ଜଳଚୁକ୍ତି

ପାକିସ୍ତାନ ପକ୍ଷରୁ ସୀମାପାର ଆତଙ୍କବାଦ ବନ୍ଦ ନ ହେବା ପର୍ଯ୍ୟନ୍ତ ସିନ୍ଧୁନଦୀ ଜଳଚୁକ୍ତି ସ୍ଥଗିତ ବଳବତ୍ତର ରହିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ପାକିସ୍ତାନ ଏବଂ ଭାରତ ମଧ୍ୟରେ କେବଳ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ । ପାକିସ୍ତାନ ଯେପର୍ଯ୍ୟନ୍ତ ପାକ୍ ଅଧିକୃତ କାଶ୍ମୀରକୁ ଖାଲି ନ କରିଛି, ସେପର୍ଯ୍ୟନ୍ତ କୌଣସି ପ୍ରକାର ଆଲୋଚନା କରାଯିବ ନାହିଁ ବୋଲି ଡକ୍ଟର ଜୟଶଙ୍କର ସ୍ପଷ୍ଟ କରିଛନ୍ତି ।

*BBSR/R*

# ମୁଖ୍ୟମନ୍ତ୍ରୀ - ପ୍ରଶାସନିକ ଅଧିକାର

ସରକାର ଓ ଲୋକଙ୍କ ମଧ୍ୟରେ ଥିବା ସେତୁକୁ ସୁଦୃଢ଼ ଓ ପ୍ରଶସ୍ତ କରିବାପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ଲକ୍‌ଗୁଡ଼ିକ

ହେଉଛି ପ୍ରଶାସନିକ ସଫଳତାର ଦର୍ପଣ । ବ୍ଲକଗୁଡ଼ିକ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କଲେ ଏହାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚିଥାଏ । ଜନ ପ୍ରତିନିଧିଙ୍କ ସହ ଉତ୍ତମ ସମ୍ପର୍କ ରଖି ନିରପେକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ଦୁର୍ନୀତି କିମ୍ବା ଅବହେଳା କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ । ଦାୟିତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

***Voice*** :.........

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ସରକାରଙ୍କ ଯୋଜନାକୁ ଠିକ୍ ଭାବରେ ଲୋକଙ୍କ ନିକଟରେ ପହଞ୍ଚାଇବାପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ୩୦ଟି ଜିଲ୍ଲାର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ୩୧୪ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗ ଦେଇଥିଲେ ।

***Desk***

# ମୁଖ୍ୟମନ୍ତ୍ରୀ - ନବୀନ ଜିନ୍ଦଲ

ଭାରତୀୟ ଇସ୍ପାତ ସଂଘର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ସଂଘର ପ୍ରତିନିଧିମାନେ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀଙ୍କୁ ସାକ୍ଷାତ୍ କରିଛନ୍ତି । ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ପ୍ରଗତିରେ ଓଡ଼ିଶା ମୁଖ୍ୟ ଭୂମିକା ଗ୍ରହଣ କରିବା ନେଇ ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିରେ ଖଣି ଓ ଇସ୍ପାତ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ । ବିଶେଷକରି ଓଡ଼ିଶାରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥାଗୁଡ଼ିକୁ ସୁବିଧାରେ କଞ୍ଚାମାଲ୍ ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧା, ସୁଯୋଗ ଯୋଗାଇଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ଇସ୍ପାତ କମ୍ପାନୀଗୁଡ଼ିକୁ ମଧ୍ୟ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ବର୍ତ୍ତମାନ ଦେଶରେ ଇସ୍ପାତ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ବିଲିୟନ୍ ଟନ୍ ରହିଛି । ୨୦୪୭ ମସିହା ସୁଦ୍ଧା ଦେଶରେ ଇସ୍ପାତ ଉତ୍ପାଦନ ୫୦୦ ମିଲିୟନ୍ ଟନ୍‌କୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି ।

***BBSR/R***

# ଶିକ୍ଷକ ବଦଳି ପ୍ରକ୍ରିୟା

ଚଳିତ ଶିକ୍ଷାବର୍ଷ ପାଇଁ ରାଜ୍ୟର ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ୍‌ର ଶିକ୍ଷକମାନଙ୍କର ବଦଳିପାଇଁ ଆବେଦନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି ।

ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁସାରେ, ଆସନ୍ତା ମାସ ୧୧ ତାରିଖ ଦିନ ଯୋଗ୍ୟ ବିବେଚିତ ଶିକ୍ଷକମାନଙ୍କର ବଦଳି ତାଲିକା ପ୍ରକାଶ ପାଇବ ଏବଂ ୧୩ ତାରିଖ ଦିନ ବଦଳି ନିର୍ଦ୍ଦେଶ ବାହାରିବ। ସେହିପରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କ ବଦଳି ପୂର୍ବରୁ ଆସନ୍ତା ୧୭ ତାରିଖ ମଧ୍ୟରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଅନୁପାତ ଦେବାକୁ ଓସେପାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ଯେଉଁ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ରହିଛନ୍ତି, ସେମାନଙ୍କ ତାଲିକା ଚଳିତ ମାସ ଶେଷ ସୁଦ୍ଧା ପ୍ରକାଶ ପାଇବ ଏବଂ ଆସନ୍ତା ଜୁନ୍ ମାସ ୩୦ ତାରିଖ ସୁଦ୍ଧା ସେମାନଙ୍କର ବଦଳି ନିର୍ଦ୍ଦେଶ ପ୍ରକାଶ ପାଇବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

***Cuttack/R***

## ରାଜ୍ୟପାଳ

କଟକ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଅଗ୍ରଗତି ନେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ସମୀକ୍ଷା କରିଛନ୍ତି । କଟକ ଗସ୍ତରେ ଆସି ଆଜି ରାଜ୍ୟପାଳ ସମୀକ୍ଷା କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କୁ ରିପୋର୍ଟ ଉପସ୍ଥାପନ କରାଯାଇଛି । ବିଭିନ୍ନ ନାଗରିକ କମିଟର କର୍ମକର୍ତ୍ତାଙ୍କ ସହ ରାଜ୍ୟପାଳ ଆଲୋଚନା

କରିଛନ୍ତି । ଅପରାହ୍ଣରେ ଜୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟଠାରେ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହ ମଧ୍ୟ ମତ ବିନିମୟ କରିଥିଲେ । କଟକରେ ସକାଳେ ପହଞ୍ଚିବା ପରେ ରାଜ୍ୟପାଳ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ଉତ୍ପାଦିତ ହେଉଥିବା ପନିପରିବାକୁ ଗଚ୍ଛିତ ରଖିବାପାଇଁ ଶୀତଳଭଣ୍ଡାର ନିର୍ମାଣପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।

***Desk***

# କଟକ-ସମ୍ବଲପୁର ରାସ୍ତା

କଟକ-ସମ୍ବଲପୁର ରାସ୍ତା କାର୍ଯ୍ୟ ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟରେ ଥିବା ଜାତୀୟ ରାଜପଥ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ୨ ହଜାର କୋଟି ଟଙ୍କାର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୩ ହଜାର କୋଟି ଟଙ୍କାର ନୀତିଗତ ଅନୁମୋଦନ ମିଳିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

***Voice*** :.........

*Desk*

# ଉଷା ପାଢ଼ୀ - ସମୀକ୍ଷା ବୈଠକ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଆଜି ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ 'ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଲାଗି ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି । ଏଥିରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ପେନ୍‌ସନ୍ ବଣ୍ଟନ ସହ ସାମାଜିକ କଲ୍ୟାଣ ସୁରକ୍ଷାପାଇଁ ସରକାରଙ୍କର ପ୍ରତିବଦ୍ଧତା ନେଇ ଆଲୋଚନା ହୋଇଛି । ବୈଠକରେ ସ୍ଥାୟିତ୍ୱ ଏବଂ ନିରବଚ୍ଛିନ୍ନ ସେବା ପ୍ରଦାନ ସୁନିଶ୍ଚିତ କରିବା ନେଇ ମଧ୍ୟ ଆଲୋଚନା ହୋଇଛି । ବିଶେଷକରି ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିବହନ ସେବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହାସହ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବାରେ ପ୍ରଯୁକ୍ତିବିଦ୍ୟା ଏବଂ ସମନ୍ୱିତ ତଥ୍ୟ ପ୍ରଦାନ ଉପରେ ଆଲୋକପାତ କରାଯାଇଛି ।

*BBSR/R*

## ଧର୍ମେନ୍ଦ୍ର ପ୍ରଧାନ - ତ୍ରିରଙ୍ଗା ଯାତ୍ରା

ଅପରେସନ ସିନ୍ଦୂର ସମର୍ଥନରେ 'ତ୍ରିରଙ୍ଗା ଯାତ୍ରା' ଦେଶର ସୈନ୍ୟଶକ୍ତିଙ୍କ ମନୋବଳକୁ ଦୃଢ଼ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗଣମାଧ୍ୟମକୁ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ କହିଛନ୍ତି, ଏହି ଅପରେସନ୍ ଭାରତୀୟ ସେନାର ଶୌର୍ଯ୍ୟ, ସାହସ ଓ ପରାକ୍ରମର ନିଦର୍ଶନ । ଗୋପାଳପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରେ ନିର୍ମିତ ଭାର୍ଗବାସ୍ତ୍ର ଦେଶର ବାୟୁସେନାର ପ୍ରତିରକ୍ଷା ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଆତଙ୍କବାଦ ବିରୋଧରେ ଅପରେସନ ସିନ୍ଦୂରର ସଫଳତା ପରେ ଶ୍ରୀ ପ୍ରଧାନ ତିନିସେନାକୁ ଶୁଭେଚ୍ଛା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

*Khurda, BBSR/R*

## ପରାକ୍ରମ ଶୋଭାଯାତ୍ରା

ଅପରେସନ ସିନ୍ଦୂରର ସଫଳତା ପରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ 'ପରାକ୍ରମ ଶୋଭାଯାତ୍ରା'ର ଆୟୋଜନ କରାଯାଇଛି । ଖୋର୍ଦ୍ଧା ସଦର

ମହକୁମା ପ୍ରାଣନାଥ ମହାବିଦ୍ୟାଳୟ ପଡ଼ିଆରେ ଏହି ଶୋଭାଯାତ୍ରାକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଶୁଭାରମ୍ଭ କରି କହିଛନ୍ତି, ଭାରତୀୟ ସେନାର ଅଦମ୍ୟ ସାହସ ବାସ୍ତବିକ୍ ପ୍ରଶଂସନୀୟ । ଏହି ଅବସରରେ ପ୍ରାଣନାଥ ମହାବିଦ୍ୟାଳୟ ପଡ଼ିଆରେ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହାସହ ମଙ୍ଗଳାନଗରଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବାଜପୁର ଗାନ୍ଧି ପଣ୍ଡିତ ନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିକୁ ସାଂସଦ ଅନାବରଣ କରିଥିଲେ ।

ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଅପରେସନ୍ ସିନ୍ଦୂରର ସଫଳତା ନେଇ ଆସନ୍ତାକାଲି ଅପରାହ୍ଣ ୫ଟାରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ନିକଟସ୍ଥ ଗିରିଦୁର୍ଗା ମନ୍ଦିରରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ସିନ୍ଦୂର ଯାତ୍ରା'ର ଆୟୋଜନ କରାଯାଉଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପଦଯାତ୍ରାରେ ମହିଳାମାନଙ୍କୁ ବହୁସଂଖ୍ୟାରେ ସାମିଲ୍ ହେବାକୁ ଆହ୍ୱାନ ଦେଇଛନ୍ତି ।

***Desk***

## ଖେଲୋ ଇଣ୍ଡିଆ

ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହେଉଛି। ଉଦ୍‌ଯାପନୀ ସମାରୋହରେ କେନ୍ଦ୍ର, ଯୁବବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ୍ ଖଡସେ ଏବଂ ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ

ଚୌଧୁରୀ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ୧୪ଟି ପଦକ ହାସଲ କରିଛି । ମହାରାଷ୍ଟ୍ର ୧୫୮ଟି ପଦକ ହାସଲ କରି ପ୍ରତିଯୋଗିତାର ଶୀର୍ଷ ସ୍ଥାନରେ ରହିଛି ।

***Met. O.***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲିଠାରୁ ଝଡ଼ପବନ ସହ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏଥିପାଇଁ ୨୫ଟି ଜିଲ୍ଲାକୁ ସତର୍କ ସୂଚନା ସୂଚନା ଜାରି କରାଯାଇଛି ।

*****